ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୩୦/୨୦୧୯ (୨୦ ପୃଷ୍ଠା) Bhubaneswar, Tuesday, July 30/2019
୪୫ଶ ଭାଗ ୨୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada



ବିଜିୟୁ ପରିସରରେ ସୋମବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ ବିବିଏ ନୂତନ ବ୍ୟାଚ୍ ଛାତ୍ରୀଛାତ୍ର।

# ରୋଜଗାର ପାଇଁ ଜ୍ଞାନ, କୌଶଳ ହାସଲ କରିବା ଉଚିତ

**ଭୁବନେଶ୍ୱର, ୨୯।୭ (ବ୍ୟୁରୋ)**

ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ବିର୍ଲା ଗ୍ଲୋବାଲ ୟୁନିଭରସିଟି(ବିଜିୟୁ) ଭୁବନେଶ୍ୱର ପକ୍ଷରୁ ବିବିଏ ୨୦୧୯-୨୨ ବ୍ୟାଚ୍‌ର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରମାନଙ୍କୁ ବ୍ୟକ୍ତିଗତ ଏବଂ ବ୍ୟବସାୟିକ ଜୀବନରେ ସଫଳତା ପାଇବା ପାଇଁ ଭଲ ମନୋଭାବ, ଭଲ ବ୍ୟବହାର, ଡିସିପ୍ଲିନ ସହ ରହିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କର ମୁଖ୍ୟ ଅଧିକାରୀ ଚନ୍ଦ୍ରଶେଖର ମୁଖାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସକାରାତ୍ମକ ଦୃଷ୍ଟିକୋଣ ସହିତ ରୋଜଗାର ପାଇଁ ଜ୍ଞାନ ଓ କୌଶଳ ହାସଲ କରିବାକୁ ପରାମର୍ଶ ଦେଇଥିଲେ।

ପାରାଡାଇମ୍ କନସଲ୍‌ଟାଣ୍ଟ ଆଣ୍ଡ୍ ରିସୋର୍ସ ମ୍ୟାନେଜ୍‌ମେଣ୍ଟ ପ୍ରାଃ ଲି. ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପରାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବାକୁ କହିଥିଲେ। ନ୍ୟାଶନାଲ ପ୍ରଫେସର ତଥା ଉପଦେଷ୍ଟା ଡ. ଶରତ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଔଦ୍ୟୋଗିକ ଅନୁଭବ ବାଣ୍ଟିଥିଲେ। ବିଜିୟୁ କୁଳପତି ପ୍ରଫେସର ସୁଧାକର ପଣ୍ଡା ଛାତ୍ରୀଛାତ୍ରଙ୍କୁ ଏଠାରେ ରହିବା ସମୟରେ ପାଠପଢ଼ାକୁ ଉପଭୋଗ କରି ପାରିବେ ବୋଲି କହିଥିଲେ। ରେଜିଷ୍ଟ୍ରାର ଡ. ବି.କେ. ଦାସ ବିଜିୟୁ ସମ୍ପର୍କରେ ଆଲୋଚନା କରିବାସହ ବ୍ୟବସାୟିକ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାକୁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ଡ. ସ୍ନିଗ୍ଧା ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରଗତିବାଦୀ

PRAGATIVADI ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL

BHUBANESWAR, WEDNESDAY, 31 JULY, 2019 ■ ଭୁବନେଶ୍ୱର, ବୁଧବାର, ଜୁଲାଇ ୩୧, ୨୦୧୯

# ବିଜିୟୁ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



• ଭୁବନେଶ୍ୱର, ପିଏନଏସ

ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟ , ବିର୍ଲା ଗ୍ଲୋବାଲ ୟୁନିଭରସିଟି ଭୁବନେଶ୍ୱର ପକ୍ଷରୁ ବିବିଏ ୨୦୧୯-୨୨ ବ୍ୟାଚର ନୂତନ ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାନୁଷ୍ଠାନର ଗୋଠପାଟଣା ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ଡଃ ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କର ମୁଖ୍ୟ ଅଧିକାରୀ ଚନ୍ଦ୍ରଶେଖର ମୁଖାର୍ଜୀ ମୁଖ୍ୟ ଅତିଥି ରୂପେ ଏବଂ ପାରାଡାଇମ୍ କନସଲଟଣ୍ଟ ଆଣ୍ଡ ରିସୋର୍ସ ମ୍ୟାନେଜମେଣ୍ଟ ପ୍ରାଃ ଲି. ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପରାଗ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ବିଜିୟୁର କୁଳପତି ପ୍ରଫେସର ସୁଧାକର ପଣ୍ଡା, ବିଜିୟୁର ରେଜିଷ୍ଟ୍ରାର ଡଃ. ବି.କେ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଡଃ ସ୍ନିଗ୍ଧା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରୟୋବିଂଶ ବର୍ଷ
ସଂଖ୍ୟା : ୨୯୭
୧୯୪୦ ଶକାବ୍ଦ
ତିଥି : ଅମାବାସ୍ୟା
୧ ଅଗଷ୍ଟ ୨୦୧୯, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା-୧୬, ମୂଲ୍ୟ- ଟ. ୪.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIII, No. 297
1 August 2019, Thursday
Bhubaneswar
Price: 4.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
w w w.samayalive.in

Bhubaneswar | Balasore | Angul | Berhampur | Sambalpur

# ବିଜିୟୁ ପକ୍ଷରୁ ବିବିଏ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ଭୁବନେଶ୍ୱର (ସବ୍ୟୁ): ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟ , ବିର୍ଲା ଗ୍ଲୋବାଲ ୟୁନିଭରସିଟି ଭୁବନେଶ୍ୱର ପକ୍ଷରୁ ବିବିଏ ୨୦୧୯-୨୨ ବ୍ୟାଚ୍‌ର ନୂତନ ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାନୁଷ୍ଠାନର ଗୋଠପାଟଣା ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡିନ୍ ଡଃ ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଏବଂ ବ୍ୟବସାୟିକ ଜୀବନରେ ସଫଳତା ପାଇବା ପାଇଁ ଉ-ଅନୁସରଣ କରିବାକୁ କହିଥିଲେ । ଏଥିରେ ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କର ମୁଖ୍ୟ ଅଧିକାରୀ ଚନ୍ଦ୍ରଶେଖର ମୁଖାର୍ଜୀ ମୁଖ୍ୟ ଅତିଥି ଏବଂ ପାରାଡାଇମ୍ କନସଲଟ୍ ଆଣ୍ଡ ରିସୋର୍ସ ମ୍ୟାନେଜ୍‌ମେଣ୍ଟ ପ୍ରାଃ ଲି. ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପରାଗ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀ ମୁଖାର୍ଜୀ ସ୍ୱାଗତ ଭାଷଣ ଦେବା ସହ ଛାତ୍ରଛାତ୍ରୀମାନଙ୍କୁ ସକାରତ୍ମକ ଦୃଷ୍ଟିକୋଣ ସହିତ ରୋଜଗାର ପାଇଁ ଜ୍ଞାନ ଓ କୌଶଳ ହାସଲ କରିବାକୁ ଉପଦେଶ ଦେଇଥିଲେ । ଶ୍ରୀ ବିଦ୍ୱାନ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ କରିବାକୁ ଉପଦେଶ ଦେଇଥିଲେ। ନ୍ୟାସନାଲ ପ୍ରଫେସର ତଥା ଉପଦେଷ୍ଟା ଡଃ ଶରତ ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଜ ଔଦ୍ୟଗିକ ଅନୁଭବ ବାଣ୍ଟିଥିଲେ। ବିଜିୟୁର କୁଳପତି ପ୍ରଫେସର ସୁଧାକର ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ରହିବା ସମୟରେ ପାଠପଢାକୁ ଉପଭୋଗ କରି ପାରିବେ ବୋଲି କହିଥିଲେ। ବିଜିୟୁର ରେଜିଷ୍ଟ୍ରାର ଡଃ. ବି.କେ ଦାସ ବିଜିୟୁର ଗୁଣବତ୍ତା ସମ୍ବନ୍ଧରେ ଆଲୋଚନା କରିବା ସହ ବ୍ୟବସାୟିକ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାକୁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ । ଡଃ ସ୍ମିଗ୍ଧା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।